# NATIONAL NEWS BULLETIN (ODIA)

**12 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଜାରି

- ଅପରାହ୍ଣ ୩ଟା ଯାଏଁ ଲୋକସଭା ଓ ଅପରାହ୍ଣ ୨ଟା ଯାଏଁ ରାଜ୍ୟସଭା ମୁଲତବୀ

- ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୪ କୋଟି ୧୨ଲକ୍ଷ ଗୃହ ଆବଣ୍ଟନ କରାଯାଇଥିବା ସୂଚନା ।

- ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବହିଷ୍କାର ସମ୍ପର୍କିତ ଅଭିଯୋଗର ପ୍ରମାଣ ଲାଗି ୩ଜଣିଆ କମିଟି ଗଠନ କଲେ ଲୋକସଭା ବାଚସ୍ପତି ।

ଏବଂ

- ଗାଜାରେ ଇସ୍ରାଏଲ ଆକ୍ରମଣରେ ୬ ଜଣ ସାମ୍ବାଦିକଙ୍କ ମୃତ୍ୟୁ ଘଟଣାକୁ ନେଇ ଜାତିସଂଘର ଉଦ୍‌ବେଗ ।

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ସଂସଦର ଉଭୟ ଗୃହରେ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାକୁ ଅପରାହ୍ଣ ୩ଟା ଏବଂ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଆଜି ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଲୋକସଭା ପୁଣି ବସିବା ପରେ ବାଚସ୍ପତି ଓମ୍ ବିର୍ଲା ଘୋଷଣା କରିଥିଲେ ଯେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଲାଗି ୩ଜଣିଆ କମିଟି ଗଠନ କରାଯାଇଛି ।

**V/O (Om Birla)**

ପରେ ଗୃହରେ ଅଧ୍ୟକ୍ଷତା କରୁଥିବା ସଂଧ୍ୟା ରାୟ ଶୂନ୍ୟକାଳ ଚଳାଇବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀଦଳ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ତାଲିକା ସଂଶୋଧନ ଅଭିଯାନ ନେଇ ଆଲୋଚନା ଦାବି କରିଥିଲେ । ଗୃହ ଚଳାଇବା ଲାଗି ବିରୋଧୀଦଳ ସଦସ୍ୟମାନଙ୍କୁ ପିଠାସୀନ ଅଧିକାରୀ ଅନୁରୋଧ କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନଥିଲା । ଫଳରେ ଗୃହକୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

**V/O (Sandhya Ray)**

ପୂର୍ବରୁ ପୂର୍ବାହ୍ନ ୧୧ଟାରେ ଲୋକସଭା ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ନେଇ ଆଲୋଚନା ଦାବି କରିଥିଲେ । ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଚଳାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିଲେ ।

ଫଳରେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ହଟ୍ଟଗୋଳ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ପେମାଶାନି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇଥିଲେ ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଲାଗି ରହିଥିଲା । ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ଆରମ୍ଭ ହେବା ମାତ୍ରେ ଉପାଧ୍ୟକ୍ଷ ହରିବଂଶ ଶୂନ୍ୟକାଳ ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ । ବିରୋଧୀ ସଦସ୍ୟମାନେ ବିହାର ଭୋଟର ତାଲିକା ସଂଶୋଧନ ଅଭିଯାନ ଉପରେ ଆଲୋଚନା ଦାବି କରି ହଟ୍ଟଗୋଳ ସୃଷ୍ଟି କରିଥିଲେ । ଉପାଧ୍ୟକ୍ଷ କହିଥିଲେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମିଳିଥିବା ୨୧ଟି ମୁଲତବୀ ନୋଟିସ୍‌କୁ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟାଖାନ କରାଯାଇଛି । ସେହି ନୋଟିସ୍‌ଗୁଡ଼ିକ ମଧ୍ୟରେ ୧୧ଟି ଏବେ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ସେ ନେଇ ଗୃହରେ ଆଲୋଚନା ହୋଇପାରିବ ନାହିଁ ବୋଲି ଉପାଧ୍ୟକ୍ଷ କହିଥିଲେ । ସେ ବାରମ୍ବାର ସଦସ୍ୟମାନଙ୍କୁ ନିଜନିଜ ଆସନକୁ ଫେରିଯାଇ ଶୂନ୍ୟକାଳରେ ଭାଗନେବା ଲାଗି ଅନୁରୋଧ କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନଥିଲା । ଫଳରେ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

# ଏଲ୍‌ଏସ୍-ହାଉସେସ୍

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ୪ କୋଟି ୧୨ଲକ୍ଷ ଗୃହ ଆବଣ୍ଟନ କରାଯାଇଥିବା ଜଣାପଡିଛି । ଲୋକସଭାରେ ଆଜି ପ୍ରଶ୍ନକାଳ ସମୟରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଶେଖର ପେମାଶାନି କହିଛନ୍ତି ଏହି ଯୋଜନାରେ ଏପର୍ଯ୍ୟନ୍ତ ୨ କୋଟି ୯୦ଲକ୍ଷ ବାସଗୃହ ନିର୍ମାଣ କରାଯାଇଛି । ଗତ ୧୦ବର୍ଷ ମଧ୍ୟରେ ନରେନ୍ଦ୍ର ମୋଦୀ ସରକାର କେନ୍ଦ୍ରୀୟ ଭାଗ ସ୍ୱରୂପ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨ଲକ୍ଷ ୧୭ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି ।

# ଇସି-ଏସ୍‌ଆଇଆର୍ ଏକ୍ସରସାଇଜ

ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ନେଇ ବିବାଦ ଲାଗିରହିଥିବାବେଳେ ନିର୍ବାଚନ ଆୟୋଗ କହିଛନ୍ତି ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବାର ଆଜି ୧୨ଦିନ ସୁଦ୍ଧା କୌଣସି ରାଜନୈତିକ ଦଳ ପକ୍ଷରୁ ଗୋଟିଏ ବି ଅଭିଯୋଗ କରାଯାଇ ନାହିଁ । କମିଶନ କହିଛନ୍ତି ଭୋଟରମାନଙ୍କଠାରୁ ୧୩ହଜାର ୯୭୦ଟି ଅଭିଯୋଗ ହସ୍ତଗତ ହୋଇଛି ।

# ଏଲ୍‌ଏସ୍-ଯଶୋବନ୍ତ ବର୍ମା

ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଗୁଡ଼ିକୁ ପ୍ରମାଣ କରିବା ଲାଗି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏକ ତିନିଜଣିଆ କମିଟି ଗଠନ କରିଛନ୍ତି । ଚଳିତବର୍ଷ ମାର୍ଚ୍ଚ ମାସରେ ଜଷ୍ଟିସ ବର୍ମାଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରୁ ଅଧାଜଳା ଟଙ୍କା ମିଳିଥିଲା । ଆଜି ମଧ୍ୟାହ୍ନ ସମୟରେ ଲୋକସଭାରେ ବାଚସ୍ପତି ଶ୍ରୀ ବିର୍ଲା କହିଥିଲେ ଏହି ତିନିଜଣିଆ କମିଟିରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ମନିନ୍ଦର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ବି.ଭି.ଆଚାର୍ଯ୍ୟ ରହିଛନ୍ତି । ଶ୍ରୀ ବିର୍ଲା କହିଛନ୍ତି ଯେତେଶୀଘ୍ର ସମ୍ଭବ କମିଟି ତା'ର ରିପୋର୍ଟ ପ୍ରଦାନ କରିବ । ସେ କହିଥିଲେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ପଦରୁ ହଟାଇବା ଲାଗି ୧୪୬ଜଣ ଶାସକ ଏବଂ ବିରୋଧୀ ସଦସ୍ୟ ନୋଟିସ୍ ଦେଇଥିଲେ । ଜଷ୍ଟିସ ବର୍ମାଙ୍କୁ ବହିଷ୍କାର ଲାଗି ନୋଟିସ୍ ଦିଆଯାଇଥିବା ସେ ଗୃହକୁ ଜଣାଇଥିଲେ । ତେବେ ତଦନ୍ତକାରୀ କମିଟି ରିପୋର୍ଟ ଆସିଲେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଶ୍ରୀ ବିର୍ଲା କହିଛନ୍ତି ।

**V/O (Om Birla)**

# ନଡ୍ଡା-ଆର୍ଟିକିଲ

ରକ୍ତଶିକୁଳୀ ରୋଗ ବିରୋଧରେ ଭାରତର ଲଢ଼େଇ କେବଳ ବଂଶାନୁକ୍ରମିକ ଅସନ୍ତୁଳନ ପ୍ରତି ଧ୍ୟାନ ଦେବା ମଧ୍ୟରେ ସୀମିତ ନାହିଁ, ବରଂ ଦେଶର ଯେଉଁ ସଂପ୍ରଦାୟଗୁଡ଼ିକ ଏହି ରୋଗରେ ପୀଡିତ ସେମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସରକାର ପ୍ରତିବଦ୍ଧ । ସାମାଜିକ ଗଣମାଧ୍ୟମରେ ଏକ ଲେଖାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା କହିଛନ୍ତି ୨୦୨୩ ଜୁଲାଇ ମାସରେ ଜାତୀୟ ସିକିଲ୍ ସେଲ୍ ଆନେମିଆ ଏଲିମିନେସନ ମିଶନ ଆରମ୍ଭ କରାଯିବା ପରେ ସେହି ରୋଗରେ ପୀଡିତ ଲୋକମାନଙ୍କୁ ସମ୍ମାନର ସହ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ଉଦ୍ୟମ ଜାରି ରହିଛି ।

ତାଙ୍କ ଲେଖାରେ ଶ୍ରୀ ନଡ୍ଡା କହିଛନ୍ତି ଅଭିଯାନ ଆରମ୍ଭ ହେବାର ପ୍ରଥମ ୨ ବର୍ଷ ମଧ୍ୟରେ ଆଖିଦୃଶିଆ ସଫଳତା ମିଳିଥିଲା ଏବଂ ଏଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଗୁଡ଼ିକ ମିଳିତଭାବେ ସହଯୋଗ କରିଥିଲେ । ଚଳିତବର୍ଷ ଜୁଲାଇ ୩୧ ସୁଦ୍ଧା ୧୭ଟି ରକ୍ତଶିକୁଳୀ ପ୍ରବଣ ରାଜ୍ୟର ୩୦୦ଟି ଜିଲ୍ଲାରେ ୬କୋଟିରୁ ଅଧିକ ଲୋକଙ୍କୁ ପରୀକ୍ଷା କରାଯାଇଛି । ଶ୍ରୀ ନଡ୍ଡା କହିଛନ୍ତି ଏହାର ଚିହ୍ନଟ ପ୍ରକ୍ରିୟାକୁ ଆହୁରି ଶକ୍ତିଶାଳୀ କରିବା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ ଦ୍ୱାରା ବିଭିନ୍ନ ସ୍ଥାନରେ ଯନ୍ କେନ୍ଦ୍ର ସ୍ଥାପନ କରାଯାଇଛି ।

# ୟୁଏନ୍ ଜର୍ଣ୍ଣାଲିଷ୍ଟ

ଗାଜାରେ ଇସ୍ରାଏଲ ଆକ୍ରମଣରେ ୬ଜଣ ସାମ୍ବାଦିକଙ୍କ ମୃତ୍ୟୁ ଘଟଣାକୁ ନେଇ ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ନିନ୍ଦା କରିଛି । ଏଭଳି କାର୍ଯ୍ୟକଳାପ ଆନ୍ତର୍ଜାତିକ ଆଇନ୍‌ର ବିରୋଧାଚରଣ କରୁଛି ବୋଲି କୁହାଯାଇଛି । ଜାତିସଂଘ ମୁଖପାତ୍ର ଷ୍ଟିଫେନ ଦୁଜାରିକ କହିଛନ୍ତି ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ଲାଗି ମହାସଚିବ ଆଣ୍ଟୋନିଓ ଗୁଟେରସ ଆଗ୍ରହ ପ୍ରକାଶ କରିଛନ୍ତି । ମୃତ୍ୟୁବରଣ କରିଥିବା ୬ଜଣ ସାମ୍ବାଦିକଙ୍କ ମଧ୍ୟରୁ ୫ଜଣ ଅଲ୍‌ଜଜିରା ଗଣମାଧ୍ୟମ ସଂସ୍ଥା ଲାଗି କାର୍ଯ୍ୟ କରୁଥିଲେ । ଗତ ରବିବାର ଦିନ ଗାଜା ଉପରେ ଇସ୍ରାଏଲ ପକ୍ଷରୁ ଆକାଶମାର୍ଗରୁ ହୋଇଥିବା ଆକ୍ରମଣରେ ସେମାନଙ୍କ ମୃତ୍ୟୁ ଘଟିଥିଲା ।

ବିଶ୍ୱର ବିଭିନ୍ନ ଗଣମାଧ୍ୟମ ସଂସ୍ଥା ଓ କତାର ପକ୍ଷରୁ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ ସାର୍ କିର୍ ଷ୍ଟାର୍‌ମରଙ୍କ ମୁଖପାତ୍ର କହିଛନ୍ତି ବ୍ରିଟେନ୍ ସରକାର ଏହି ଘଟଣାରେ ଗଭୀର ଶୋକପ୍ରକାଶ କରୁଛନ୍ତି ଏବଂ ଏହାର ନିରପେକ୍ଷ ତଦନ୍ତ ଲାଗି ପରାମର୍ଶ ଦେଇଛନ୍ତି । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସଂପୃକ୍ତ ମୁଖପାତ୍ର କହିଛନ୍ତି ଯେ ସାମ୍ବାଦିକମାନେ ଯେଭଳି ନିରାପଦରେ କାର୍ଯ୍ୟ କରିପାରିବେ ଓ ସମ୍ବାଦ ପଠାଇ ପାରିବେ ସେ ନେଇ ଇସ୍ରାଏଲ ନିଶ୍ଚିତ କରିବା ଆବଶ୍ୟକ ।

# ହର୍ ଘର ତିରଙ୍ଗା

ଲଦାଖର ଐତିହାସିକ ଓ୍ୱାଖା ମଠରେ ସ୍ୱତନ୍ତ୍ର ଭାବେ ହର୍ ଘର୍ ତିରଙ୍ଗା ଉତ୍ସବ ପାଳନ କରାଯାଇଛି । ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସରଗୋଲେ କାର୍ଯ୍ୟାଳୟର କର୍ମଚାରୀ ଏବଂ ଓ୍ୱାଖା ମୁଲବେଖ ଅଞ୍ଚଳର ଅଙ୍ଗନବାଡି କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଲାଗି ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏଥିରେ ଭାଗ ନେଇଥିବା ପ୍ରତିଯୋଗୀମାନେ ତ୍ରିରଙ୍ଗା ସହ ସେଲ୍‌ଫି ଉଠାଇ ପୋର୍ଟାଲରେ ଅପ୍‌ଲୋଡ କରିଥିଲେ । କାର୍ଯ୍ୟକ୍ରମର ପରିଚାଳକ, ଶ୍ରମିକ, ପେଟ୍ରୋଲ ପମ୍ପ କର୍ମଚାରୀ ଏବଂ ବାଇକ୍ ଚାଳକମାନଙ୍କୁ ଜାତୀୟ ପତାକା ପ୍ରଦାନ କରାଯାଇଥିଲା ।

ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ଲାଗି ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସ୍ୱରୂପ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା ।

# ଜେକେ ସିକ୍ୟୁରିଟି

ସ୍ୱାଧୀନତା ଦିବସ ପାଳନ ପୂର୍ବରୁ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁକାଶ୍ମୀରର ଜାମ୍ମୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି । ସ୍ୱାଧୀନତା ଦିବସ ପାଳନ ସମୟରେ କୌଣସି ପ୍ରକାର ଅପ୍ରୀତିକର ଘଟଣାକୁ ପ୍ରତିହତ କରିବା ପାଇଁ ସମଗ୍ର ଜାମ୍ମୁ କାଶ୍ମୀରରେ ସ୍ଥଳ ଓ ଆକାଶମାର୍ଗରୁ ତଦାରଖ ପାଇଁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ମୁଖ୍ୟତଃ ପାକିସ୍ତାନ ସୀମାରେ ଯାଞ୍ଚ ଏବଂ ପାଟ୍ରୋଲିଂ ବୃଦ୍ଧି କରାଯିବା ସହ ଜାମ୍ମୁ ସହରରେ କୁଇକ୍ ରେସପନ୍ସ ଟିମ୍ ନିୟୋଜିତ କରାଯାଇଛି ।

ସେନା ଏବଂ ସୀମା ସୁରକ୍ଷା ବାହିନୀ ୨୨୫ କିଲୋମିଟରର ନିୟନ୍ତ୍ରଣ ରେଖା ଏବଂ ୧୯୨ କିଲୋମିଟରର ଅନ୍ତର୍ଜାତୀୟ ସୀମାରେ ସତର୍କତା ବୃଦ୍ଧି କରିଛନ୍ତି । ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥାର ଅଂଶସ୍ୱରୂପ ଆଭ୍ୟନ୍ତରୀଣ ଅଞ୍ଚଳରେ ନିୟନ୍ତ୍ରଣ ଏବଂ ଯାଞ୍ଚକୁ ମଧ୍ୟ କଡାକଡି କରାଯାଇଛି । ରାଜୌରୀ ଏବଂ ପୁଞ୍ଚର ସୀମାବର୍ତ୍ତୀ ଜିଲ୍ଲାରେ ପୁଲିସ ପକ୍ଷରୁ ସୁରକ୍ଷା ପରାମର୍ଶ ଜାରି କରାଯାଇଛି । ଯାଞ୍ଚ ସମୟରେ ଲୋକଙ୍କ ସହଯୋଗ କାମନା କରାଯିବା ସହ କୌଣସି ସନ୍ଦେହଜନକ ଗତିବିଧି କିମ୍ବା ବସ୍ତୁ ନଜରକୁ ଆସିଲେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ତୁରନ୍ତ ଜଣାଇବା ପାଇଁ କୁହାଯାଇଛି । ଜମ୍ମୁ-ଶ୍ରୀନଗର ୪୪ନମ୍ବର ଜାତୀୟ ରାଜପଥରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ଡ୍ରୋନ୍ ନିୟୋଜିତ କରାଯାଇଛି ।

## ଡୁରାଣ୍ଡ କପ୍

ଡୁରାଣ୍ଡ କପ୍ ଫୁଟବଲ୍ ପ୍ରତିଯୋଗିତା ଗତକାଲିର ମ୍ୟାଚ୍‌ରେ ଇଣ୍ଡିଆନ୍ ଆର୍ମି ବିଜୟୀ ହୋଇଛି । ଝାଡ଼ଖଣ୍ଡର ଜାମ୍‌ସେଦ୍‌ପୁର ସ୍ଥିତ ଜେ.ଆର୍.ଡି. ଟାଟା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଖେଳାଯାଇଥିବା ଗ୍ରୁପ୍-ସି ପର୍ଯ୍ୟାୟର ଏହି ମ୍ୟାଚ୍‌ରେ ଇଣ୍ଡିଆନ୍ ଆର୍ମି ଦଳ ଲଦାଖ ଏଫ୍.ସି.କୁ. ୪-୨ ଗୋଲ୍‌ରେ

ପରାସ୍ତ କରିଛି । ଏହି ବିଜୟ ପରେ ମଧ୍ୟ ଇଣ୍ଡିଆନ୍ ଆର୍ମି ଦଳ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇପାରି ନାହିଁ ।